# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 04.06.2022 ରିଖ,

ସମୟ- ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍
୨. ଶ୍ରୀ ଲାଲ୍ ମୋହନ ଟୁଡୁ,
୩. ଶ୍ରୀମତୀ ମୋନାଲିସା ବେହେରା,
୪. ଶ୍ରୀ ଅପରୂପ ନାରାୟଣ ରାଉତ,
୫. ଶ୍ରୀମତୀ ସୁଚିତ୍ରା ପାତ୍ର,
୬. ଶ୍ରୀ ରଶ୍ମି ରଞ୍ଜନ ପାଟଶାଣୀ,
୭. ଶ୍ରୀରାମଚନ୍ଦ୍ର ରଣସିଂହ

ଅଦ୍ୟ ତା 04.06.2022 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ, ରିକ୍ରିଏସନ୍ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

**ପ୍ରସ୍ତାବ-୧.** ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

**ନିର୍ଦ୍ଧାରଣ-୧(୧).** ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା କେତେକ ସ୍କୁଲ୍‌ର ରକ୍ଷଣାବେକ୍ଷଣ ଓ ପେରିଫେରିଆଲ୍ ଡ଼େଭେଲେପ୍‌ମେଂଟ କାର୍ଯ୍ୟ ପାଇଁ R & B କୁ ଅଦ୍ୟାବଧି ଦାୟିତ୍ୱ ଦିଆଯାଇନଥିବାରୁ ଉକ୍ତ ସ୍କୁଲ୍‌ର ମରାମତି ଏବଂ ବିଦ୍ୟାଳୟ ପରିସର ମଧ୍ୟରେ ଉନ୍ନତିକରଣ କାର୍ଯ୍ୟ ଠିକ୍ ସମୟରେ କରାଯାଇପାରୁ ନଥିବାର କମିଟିର ଦୃଷ୍ଟିଗୋଚର ହୋଇଅଛି । ଉକ୍ତ ସ୍କୁଲ୍ ଗୁଡ଼ିକୁ ଚିହ୍ନଟ କରି ସେହି ସ୍କୁଲ୍ ଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ପେରିଫେରିଆଲ୍ ଡ଼େଭେଲପ୍‌ମେଂଟ କାର୍ଯ୍ୟ R & B କୁ ଦାୟିତ୍ୱ ଦେବାପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ନିର୍ଦ୍ଧାରଣ-୧(୨).** ପରିବେଶକୁ ସୁସ୍ଥ ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମାଂଚଳରେ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି । ତେଣୁ ଆସନ୍ତା ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପ୍ରତ୍ୟେକ ୱାର୍ଡ଼ରେ ଖାଲିଥିବା ସ୍ଥାନ ଯଥା:- ମଶାଣି, ହସ୍ପିଟାଲ୍ ଇତ୍ୟାଦି ପରିସରରେ ଅତି କମ୍‌ରେ ୧୦୦ ଗୋଟି ଲେଖାଏଁ ବୃକ୍ଷ ଯଥା:- ନିମ୍ବ, କରଞ୍ଜ, ବଉଳ, ଚମ୍ପା ଇତ୍ୟାଦି ଲଗାଇବା ସହିତ ବୃକ୍ଷ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଟ୍ରି ଗାର୍ଡ଼ର ସୁବନ୍ଦୋବସ୍ତ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

**ନିର୍ଦ୍ଧାରଣ-୧(୩).** ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ୭୮ ଗୋଟି ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ବିଭିନ୍ନ RWA/SHG ଇତ୍ୟାଦିଙ୍କୁ ନ୍ୟସ୍ତ କରାଯାଇଅଛି ଏବଂ ଉକ୍ତ ସଂସ୍ଥା ଗୁଡ଼ିକୁ ମାସକୁ ଟ୧୦,୦୦୦/-ଙ୍କା ରକ୍ଷଣାବେକ୍ଷଣ ବାବଦରେ ଦିଆଯାଉଅଛି, କିନ୍ତୁ ବଡ଼ ବଡ଼ ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ ସେହିସବୁ ସଂସ୍ଥାମାନେ ଭଲଭାବେ ସମ୍ପାଦନ କରିପାରୁନାହାଁନ୍ତି ।

ତେଣୁ ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ସମସ୍ତ ପାର୍କ ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ନିମନ୍ତେ ବିଭିନ୍ନ ଇଚ୍ଛୁକ କର୍ପୋରେଟ୍ ଅନୁଷ୍ଠାନ ମାନଙ୍କୁ ଚିହ୍ନଟ କରି CSR ମାଧମରେ ପାର୍କ ଗୁଡ଼ିକର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.50 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା 04.06.2022 ରିଖ